# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୪.୦୨.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ଶ୍ରୀ ଅଜିତ୍ ବେହେରା
୩. ସକିବା ମୁଶରତ୍,
୪. ଶ୍ରୀ ଆଶିଷ କୁମାର ପଟ୍ଟନାୟକ,
୫. ଶ୍ରୀମତୀ ପୂଜା ବେହେରା,
୬. ଶ୍ରୀମତୀ ସୁଷମା ସାହୁ

ଅଦ୍ୟ ତା ୧୪.୦୨.୨୦୨୩ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ୱାର୍ଡ଼ ନଂ-୨୧ ସୀମା ଚିହ୍ନଟ ହୋଇନପାରିବାରୁ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁନାହିଁ ବୋଲି ୱାର୍ଡ଼ ନଂ-୨୧ ର କର୍ପୋରେଟର ତଥା କମିଟିର ସଭ୍ୟା ପୂଜା ବେହେରା କହିଥିଲେ । ଏହା ଉପରେ ଆଲୋଚନା କରାଗଲା । ରାଜ୍ୟ ସରକାରଙ୍କ ନୋଟିଫିକେସନ୍-ତଥା-ଇଲେକ୍ସନ୍ କମିଶନରଙ୍କ ବିଜ୍ଞପ୍ତିକୁ ଭିତି କରି ୱାର୍ଡ଼ ନଂ-୨୧ ସୀମା ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୯ ସ୍ଥିତ ମଣ୍ଡପ ବସ୍ତିରେ in-situ affordable Housing Project ନିର୍ମାଣ କରାଯାଉଅଛି, ଏଥିପାଇଁ OUHM ୧୭ କୋଟି ଟଙ୍କା ଦେଇଅଛି ଆଉ ୧୨ କୋଟି ଟଙ୍କା ନଦେବାରୁ କାର୍ଯ୍ୟ ଅଧା ହୋଇ ରହିଅଛି, କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇପାରିବାରୁ ସେଠାରେ ବସବାସ କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ଉକ୍ତ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଦେବାପାଇଁ OUHM ଙ୍କୁ ଅନୁରୋଧ କରାଯାଉ ଏବଂ ଏହି ଅର୍ଥ ଆସିବା ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ପାଣ୍ଠିରୁ ଖର୍ଚ୍ଚ କରାଯାଉ । OUHM ଅର୍ଥ ଆଣି ଉକ୍ତ ଅର୍ଥ ଭରଣା କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମର ବସ୍ତିବାସିନ୍ଦାଙ୍କୁ ଡ୍ରୋନ୍ ମାଧ୍ୟମରେ ସର୍ଭେ କରାଯାଉଅଛି, କିନ୍ତୁ Airport Authority ଅନୁମତି ଦେଇନଥିବାରୁ ୧୩ ଗୋଟି ୱାର୍ଡ଼ରେ ଥିବା ବସ୍ତି ବାସିନ୍ଦା ମାନଙ୍କୁ ଡ୍ରୋନ୍ ମାଧ୍ୟମରେ ସର୍ଭେ ହୋଇପାରୁନାହିଁ, ତେଣୁ ପୁନଃବାର ଏହି ୧୩ ଗୋଟି ୱାର୍ଡ଼ର ଡ୍ରୋନ୍ ମାଧ୍ୟମରେ ସର୍ଭେ ପାଇଁ ଅନୁମତି ଦେବା ନିମନ୍ତେ Airport Authority ଙ୍କୁ ଅନୁରୋଧ କରିବା ଏ ସମ୍ପର୍କରେ ମାନ୍ୟବର ମନ୍ତ୍ରୀ, ବିମାନ ଚଳାଚଳ ବିଭାଗକୁ ଅନୁରୋଧ କରିବା ପାଇଁ କମିଟିର ସଭ୍ୟ/ସଭ୍ୟାମାନେ ଦିଲ୍ଲୀ ଗସ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୫୩ ସ୍ଥିତ ଝରଣା ସାହି ବସ୍ତି ବାସିନ୍ଦା ମାନଙ୍କୁ ଥଇଥାନ କରିବା ପାଇଁ in-situ affordable Housing Project କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ ତେଣୁ ଏହି ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୬.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୪.୦୨.୨୦୨୩ ରିଖ